# କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଗଳ୍ପ ପାଠୋତ୍ସବ



କଟକ,୧୧।୧୦(ବ୍ୟୁରୋ): କେନ୍ଦ୍ରସାହିତ୍ୟ ଏକାଡେମୀ ପକ୍ଷରୁ ୱେବ୍ ସାହିତ୍ୟମାଳା କାର୍ଯ୍ୟକ୍ରମ ଅବସରରେ ଓଡ଼ିଆ ଗଳ୍ପ ପାଠ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କାଦମ୍ବିନୀର ସଂପାଦିକା ଇତିରାଣୀ ସାମନ୍ତ, କଥାକାର ମାନସ ପଣ୍ଡା, ଗଳ୍ପିକ ଯଶୋଧରା ସାମଲ ଯୋଗଦେଇ ସ୍ୱରଚିତ ଗଳ୍ପ ପାଠ କରିଥିଲେ। ଗଳ୍ପଗୁଡ଼ିକରେ ସମକାଳୀନ ସମାଜର ବାସ୍ତବ ଚିତ୍ର ଓ ବ୍ୟକ୍ତି ଜୀବନର ସଂଘର୍ଷ, ସଂଘାତର କଥା ଚିତ୍ରିତ ହୋଇଥିଲା। ପ୍ରାରମ୍ଭରେ ଓଡ଼ିଆ ଉପଦେଷ୍ଟାମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂହ ସ୍ୱାଗତ ସୂଚନା ଦେବା ସହ ଓଡ଼ିଆ ଗଳ୍ପର ସମୃଦ୍ଧ ପରମ୍ପରା ସଂପର୍କରେ ଆଲୋକପାତ କରିଥିଲେ। ଓଡ଼ିଆ ଗଳ୍ପର ସ୍ୱର ବେଶ ସ୍ୱଚ୍ଛ ଓ ସମର୍ଥ ଏବଂ ଏହା ଭାରତୀୟ ସାହିତ୍ୟକୁ ପଥପ୍ରଦର୍ଶନ କରି ଆସୁଛି ବୋଲି ଡକ୍ଟର ସିଂହ ମତବ୍ୟକ୍ତ କରିଥିଲେ। ସାମାଜିକ ବାସ୍ତବତା ହିଁ ଓଡ଼ିଆ ଗଳ୍ପର ପ୍ରାଣ ବୋଲି ସେ କହିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବାଞ୍ଚଳ ଆଞ୍ଚଳିକ ସଚିବ ଦେବେନ୍ଦ୍ର କୁମାର ଦେବେଶ କାର୍ଯ୍ୟକ୍ରମର ସଂଯୋଜନା କରିବା ସହ କରୋନା କଟକଣା ସମୟରେ ଏକାଡେମୀ ପକ୍ଷରୁ ଚାଲିଥିବା ୱେବ୍ ସାହିତ୍ୟମାଳା କାର୍ଯ୍ୟକ୍ରମ ସଂପର୍କରେ ସଂକ୍ଷିପ୍ତ ସୂଚନା ଦେଇଥିଲେ।

# କେନ୍ଦ୍ର ସାହିତ୍ୟ ଏକାଡେମୀରେ ଓଡ଼ିଆ ଗଳ୍ପ ପାଠୋତ୍ସବ

ଭୁବନେଶ୍ୱର,୧୧/୧୦(ଇମିସ): କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଓଡ଼ିଆ ଗଳ୍ପ ପାଠୋତ୍ସବ ୱେବ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି।

'କାଦମ୍ବିନୀ'ର ସଂପାଦିକା ଇତିରାଣୀ ସାମନ୍ତ, ଗାଳ୍ପିକ ଯଶୋବନ୍ତ ସାମଲ ଓ କଥାକାର ମାନସ ପଣ୍ଡା ଏଥିରେ ସାମିଲ୍ ହୋଇ ସ୍ୱରଚିତ ଗଳ୍ପ ପାଠ କରିଥିଲେ। ଏହି ଗଳ୍ପଗୁଡ଼ିକରେ ସମକାଳୀନ ସମାଜର ବାସ୍ତବ ଚିତ୍ର ସୁସ୍ପଷ୍ଟ। ପ୍ରାରମ୍ଭରେ ଓଡ଼ିଆ ଉପଦେଷ୍ଟାମଣ୍ଡଳୀର ଆବାହକ ଡ.ବିଜୟାନନ୍ଦ ସିଂହ ସ୍ୱାଗତ୍ ସୂଚନା ଦେଇ କହିଥିଲେ ଯେ, ଓଡ଼ିଆ ଗଳ୍ପ ଭାରତୀୟ ସାହିତ୍ୟକୁ ପଥପ୍ରଦର୍ଶନ କରିଛି। କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବାଞ୍ଚଳ ସଚିବ ଦେବେନ୍ଦ୍ରକୁମାର ଦେବେଶ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।